











## ରାଷ୍ଟ୍ରପତିଙ୍କ କଟକ ଗସ୍ତ, ଘଣ୍ଟାକର ରହଣି

# ୪୭ ନୂତନ ବ୍ରହ୍ମାକୁମାରୀଙ୍କୁ ଆଶୀର୍ବାଦ



କଟକ, ୧।୩(ସମିସ)

ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସିଥିଲେ। ଏହି ଅବସରରେ ୪୭ଜଣ ଆଗନ୍ତୁକ ତଥା ରାଜଯୋଗିନୀ ହେବାକୁ ଆସିଥିବା ଭଉଣୀମାନଙ୍କୁ ଭେଟିଥିଲେ। ସେମାନଙ୍କ ସହିତ ୫ମିନିଟ୍ ସମୟ ବିତାଇବା ସହିତ ଏକ ଗ୍ରୁପ୍ ଫଟୋ ଉଠାଇଥିଲେ। ବ୍ରହ୍ମାକୁମାରୀ ହେବାକୁ ଆସିଥିବା ୪୭ଜଣଙ୍କୁ ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ କହିଲେ ଯେ, ଏହି ଆଧାତ୍ମିକ ମାର୍ଗରେ ଆସି ନିଜର ମଙ୍ଗଳ କରିବା ସହିତ ସମାଜରେ ମଙ୍ଗଳ କର। ନିଜ ଭିତରୁ ନିଜକୁ ଖୋଜି ଜୀବନ ଜୀଇଁବାର କଳା ଶିଖିବାକୁ ନୂତନ ବ୍ରହ୍ମାକୁମରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ମାଉଣ୍ଟଆବୁରୁ ଆସିଥିବା ୨୫ଜଣ ରାଜଯୋଗିନୀଙ୍କୁ ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ସେମାନଙ୍କ ସହିତ ଫଟୋ ଉଠାଇଥିଲେ। ଏହାପରେ ଇନ୍‌ଡୋର୍ ଷ୍ଟାଡିୟମ୍‌ରୁ ସେ ବାହାରକୁ ଆସୁଥିବା ସମୟରେ ଜଣେ ସର୍ବକନିଷ୍ଠ ଯୋଗୀ ତାଙ୍କ ସାମ୍ନାକୁ ଆସିଥିଲେ। ଯୋଗୀଙ୍କୁ ଦେଖି ରାଷ୍ଟ୍ରପତି ଅଟକି ଯାଇଥିଲେ। କେବଳ ଯୋଗ ନୁହେଁ ବରଂ ରାଜଯୋଗ କରିବାକୁ ପରାମର୍ଶ ଦେଇ ତାଙ୍କ ସହିତ ଫଟୋ ଉଠାଇଥିଲେ। ଏହା ପରେ ସେ କାରକେଡ୍ ଅଭିମୁଖେ ଯାଇଥିଲେ। କଟକରେ ୧ଘଣ୍ଟା ୧୦ମିନିଟ୍ ଅର୍ଥାତ ୭୦ମିନିଟ୍ ରହି ୫ଟା ୧୦ରେ ସେ ତାଙ୍କ ଗାଡିରେ ବସି ରାଜଭବନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

### ସୁରକ୍ଷାରେ ୨୫ ପ୍ଲାଟୁନ୍ ଫୋର୍ସ, ୨ଶହ ଅଫିସର

### ବାଟ ଜଗିଲା ସର୍ବକନିଷ୍ଠ ଯୋଗୀ, ରାଜଯୋଗ କରିବାକୁ ଆହ୍ୱାନ

ଅନ୍ୟପଟେ ଇନଡୋର୍ ଷ୍ଟାଡିୟମ ପ୍ରବେଶ ପଥରେ ଅପେକ୍ଷା କରିଥିବା ଜନସାଧାରଣଙ୍କୁ କେବଳ ଦୂରରୁ ସେ ସ୍ୱାଗତ କରିଥିଲେ। ସେମାନଙ୍କ ପାଖକୁ ଯାଇ ନଥିଲେ। ଗାଡି ଭିତରେ ବସି ଜନସାଧାରଣଙ୍କୁ ସ୍ୱାଗତ କରିବା ପରେ କାରକେଡ୍ ଚିଂବନ୍ଧ ଆଡକୁ ଅଗ୍ରସର ହୋଇଥିଲା। ଏହି ଗସ୍ତ ପାଇଁ ବ୍ଲୁବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା କରାଯାଥିଲା। ଡିସିପି ଡଃ କନ୍‌ୱର୍ ବିଶାଲ୍ ସିଂଙ୍କ ସମେତ କ୍ରାଇମବ୍ରାଞ୍ଚ ଏସପି, କଟକ ଏଡିସିପି, ସ୍ୱେସାଲ ବ୍ରାଞ୍ଚ, ଷ୍ଟାଡିୟମ କର୍ତ୍ତୃପକ୍ଷ, ଅଗ୍ନିଶମ ବାହିନୀର କର୍ମଚାରୀ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇଥିଲେ। ପ୍ରାୟ ୨୫ ପ୍ଲାଟୁନ ଫୋର୍ସ ଓ ୨ଶହ ଅଫିସର ସୁରକ୍ଷା ବ୍ୟବସ୍ଥା ନମନ୍ତେ ବିଯୋଜିତ ହୋଇଥିଲେ। କଟକ କମିଶନରେଟ୍ ପୁଲିସ ପକ୍ଷରୁ ଫୁଲନଖରା ପାଖରୁ ରାଷ୍ଟ୍ରପତିଙ୍କ କାରକେଡ୍ ଅଣାଯାଇ ଜାତୀୟ ରାଜପଥ ହୋଇ ଶିଖରପୁର ଏବଂ ପରେ ଚିଂ ବନ୍ଧରେ ଇନ୍‌ଡୋର ଷ୍ଟାଡିୟ୍‌ରେ ପହଞ୍ଚାଯାଇଥିଲା। ଏହାଛଡା କାର୍ଯ୍ୟକ୍ରମ ସ୍ଥଳରେ ଡିସିପି ଡଃ ସିଂ ନେତୃତ୍ୱରେ ପର୍ଯ୍ୟାପ୍ତ ଫୋର୍ସ, ଡଗ୍ ସ୍କ୍ୱାଡ, ବମ୍ ସ୍କ୍ୱାଡ ଓ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସୁରକ୍ଷା ୟୁନିଟର କମାଣ୍ଡୋମାନେ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଅନ୍ୟପଟେ ଆସନ୍ତା କାଲି ୨ ତାରିଖ ଅପରାହ୍ଣ ୪ଟାରେ ହରିସ ଭାଇଙ୍କ ଦ୍ୱାରା ଜଗନ୍ନାଥପୁରସ୍ଥିତ ଓମ୍‌ଫେଡ୍ ପ୍ରଶିକ୍ଷଣ ପଡ଼ିଆରେ ମ୍ୟାଜିକ୍ ସୋ' କରାଯିବ। ୩ ତାରିଖ ଅପରାହ୍ଣ ୪ଟାରୁ ୫ଟା ସେ ମ୍ୟାକିଜ୍ ଶୋ' ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୫ଟାରୁ ୬ଟା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ୫୦ ଜଣ କନ୍ୟାଙ୍କ ଦିବ୍ୟ ସମର୍ପଣ ସମାରୋହ ଆୟୋଜନ କରାଯିବ। ଏହି ୩ଦିନ ମଧ୍ୟରେ ବିଭିନ୍ନ ଶୋଭାଯାତ୍ରା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଥାଉ କି, କଟକରେ ୧୯୭୩ ମସିହାରେ ବ୍ରହ୍ମାକୁମାରୀ ଓଡ଼ିଶା ଶାଖା ରାଜଯୋଗିନ ଡା. କମଳେଶ ଦିଦିଙ୍କ ଦ୍ୱାରା ସେବା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଏଥିପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଅବଦାନ ରହିଛି। ୫୦ ବର୍ଷର ସେବା ମାଧ୍ୟମରେ ଉକ୍ତ ବିଶ୍ୱବିଦ୍ୟାଳୟ ୫୦୦ରୁ ଅଧିକ ସେବାକେନ୍ଦ୍ରରେ ୧ ଲକ୍ଷରୁ ଅଧିକ ଭାଇ ଭଉଣୀ ଉପକୃତ ହୋଇପାରିଛନ୍ତି। ବିଭିନ୍ନ ଜନହିତକର କାର୍ଯ୍ୟ ସହିତ କର୍ମଶାଳା ଓ ଆଧାତ୍ମିକତା କାର୍ଯ୍ୟକ୍ରମ କରାଯାଉଛି।

## ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କଲେ ମେୟର




କଟକ, ୧।୩(ସମିସ)

ଆଜି ୱାର୍ଡ ନମ୍ବର ୨୭ର ବସ୍ତି ବାସିନ୍ଦାଙ୍କ ସହିତ ମେୟର ସୁବାସ ସିଂ ଆଲୋଚନା କରିଛନ୍ତି। ଏହି ସଭାରେ ପ୍ରାୟ ୨୫୦ ଜଣ ବସ୍ତିବାସିନ୍ଦା ଯୋଗଦେଇଥିଲେ। ମେୟର ଶ୍ରୀ ସିଂ ବସ୍ତିବାସିନ୍ଦାଙ୍କ ସମସ୍ତ ପ୍ରକାର ଉନ୍ନତି ପାଇଁ ଚାଲୁଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିରେ ମେୟର ଉପସ୍ଥିତ ବସ୍ତିବାସିନ୍ଦାଙ୍କର ବିଭିନ୍ନ ସମସ୍ୟା ଶୁଣିଥିଲେ ଓ ଯଥା ଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମେୟର ଶ୍ରୀ ସିଂଙ୍କ ସହିତ, ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ, ସ୍ଥାନୀୟ ବସ୍ତିବାସିନ୍ଦା, ସ୍ଥାନୀୟ ଅଞ୍ଚଳର ଯୁବ ସଂଗଠନ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ମିତାଲି ଭଞ୍ଜ, ଦୀପ୍ତି ରଞ୍ଜନ ରାୟ, ଜଗନ୍ନାଥ ସ୍ୱାଇଁ, ସକିଲ ଅଖତାର, ଜନ ଆଶିଷ ବରାଳ, ବିନୋଦ ପଣ୍ଡା, ସୟିଦ ଶେଖାଓ୍ୱତ୍ ଅଲି, ମିହିର ରଞ୍ଜନ ସାହୁ, ଲୋକନାଥ ସାହୁ, ଅବିନାଶ ମଲ୍ଲ, ରାଏସେନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ୩୨ନଂ ୱାର୍ଡରେ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା

କଟକ, ୧।୩(ସମିସ)

ଆଜି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ ୩୩୨ ନମ୍ବର ୱାର୍ଡ ଜନସମ୍ପର୍କ ଯାତ୍ରାରେ ଅଞ୍ଚଳର ରାସ୍ତାଘାଟ, ପରିମଳ ବ୍ୟବସ୍ଥା ପଚାରି ବୁଝିଥିଲେ। ସ୍ଥାନୀୟ ଅଞ୍ଚଳର ମୁରବୀ ଓ ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଧୀରେନ୍ଦ୍ର ସେଠୀ, ସୁଶାନ୍ତ ବେହେରା, ଚନ୍ଦ୍ରଶେଖର ନାଟିଆ, ନଗେନ ବେହେରା, ଅବଦୁଲ ନସିମ, ଦିଲ୍ଲୀପ ମହାନ୍ତି, ସାହିଲ ଫରୁ, ଚିତ୍ତ ରଞ୍ଜନ ବେହେରା, ସରୋଜ ବେହେରା, ହାଡିବନ୍ଧୁ ବେହେରା, ସଚିଦାନନ୍ଦ ବେହେରା, ଦିବାକର ବେହେରା, ହେମନ୍ତ ବେହେରା, ଅଶୋକ ବେହେରା, ଶିଶିର ଦାସ, ସାଗର ବେହେରା, ଧୀରେନ୍ଦ୍ର ବେହେରା, କେଶରୀ ନାଟିଆ, ରାଜୀବ ଲୋଚନ ଦାସ, ଶ୍ୟାମସୁନ୍ଦର ବେହେରା, ଶଶିକାନ୍ତ ବେହେରା, ପ୍ରଦ୍ୟୁମ୍ନ ମହାପାତ୍ର, ସୁଶୀଲ ସେଠୀ, ସିତୁନ ଚୌଧୁରୀ, ବିବେକ ସେଠୀ, କୁନା ସେଠୀ ପ୍ରମୁଖ ୱାର୍ଡବାସୀ ଉପସ୍ଥିତ ଥିଲେ।



## ସିଏମ୍‌ସି କମିଶନର ଓ ସିଡିଏ ଉପାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

କଟକ, ୧।୩(ସମିସ)

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଉପାଧ୍ୟକ୍ଷ ଭାବେ କଟକ ମହାନଗର ନିଗମର କମିଶନର ବିଜୟ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଦାଶ ପ୍ରଥମେ ଆଜି ସିଏମସିର କମିଶନର ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସିଡିଏର ଉପାଧ୍ୟକ୍ଷ ଭାବେ ମଧ୍ୟାହ୍ନରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ସିଡିଏର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।ପରେ ଏକ ବୈଠକରେ ଶ୍ରୀ ଦାଶ କର୍ମଚାରୀଙ୍କ ସହିତ ଆଲୋଚନା କରି କିଭଳି ସିଡିଏର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଶ୍ରୀ ଦାଶ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।



■ ମହିଳାଙ୍କ ତ୍ରୁଟିପୂର୍ଣ୍ଣ ବନ୍ଧ୍ୟାକରଣ ପ୍ରସଙ୍ଗ

## ୬୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

କଟକ, ୧।୩(ସମିସ): ତ୍ରୁଟିପୂର୍ଣ୍ଣ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ଜଣେ ମହିଳା ଗର୍ଭବତୀ ହୋଇଥିଲେ। ତୃତୀୟ ସନ୍ତାନ ଜନ୍ମ ଦେବା ହେତୁ ତାଙ୍କ ପରିବାର ଉପରେ ଆର୍ଥିକ ବୋଝ ପଡ଼ିଥିବାରୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଦାୟର କରିଥିବା ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ନିଜ ଦାବି ମୁତାବକ କ୍ଷତିପୂରଣ ପାଇଁ ଆବେଦନକାରୀ ହକଦାର ନୁହଁନ୍ତି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅନ୍ୟପଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଚିଠି ଅନୁସାରେ ୨୦୦୫ ନଭେମ୍ବର ୨୯ ବା ଏହାପରେ ହୋଇଥିବା ବନ୍ଧ୍ୟାକରଣ ଅସ୍ତ୍ରୋପଚାରର ବିଫଳତା ପାଇଁ ୬୦ ହଜାର ଟଙ୍କା କ୍ଷତିପୂରଣ ଧାର୍ଯ୍ୟ ହୋଇଛି। ଏଣୁ ଆବେଦନକାରୀ ମଧ୍ୟ ଏହି ଅନୁସାରେ ୬୦ ହଜାର ଟଙ୍କା କ୍ଷତିପୂରଣ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଜନୈକା ମହିଳାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ମହିଳା ଜଣକ ନିଜର ବନ୍ଧ୍ୟାକରଣ କରାଇଥିଲେ ସୁଦ୍ଧା ଗତ ୨୦୨୨ଡିସେମ୍ବର୧୪ରେ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ତେବେ ବନ୍ଧ୍ୟାକରଣ କରିଥିବା ହେତୁ ସେ ଆଉଥରେ ମଧ୍ୟ ସାଲେପୁର ସିଏଚସିରେ ପରୀକ୍ଷା କରାଇଥିଲେ। ସେ ଗର୍ଭଧାରଣ କରିଥିବା ବେଳେ ଗତ ୨୦୨୩ଜୁଲାଇ୧୬ରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏଥି ପୂର୍ବରୁ ତାଙ୍କର ଦୁଇଟି ସନ୍ତାନ ରହିଥିବା ବେଳେ ତୃତୀୟ ସନ୍ତାନ ସେ ଚାହୁଁନଥିଲେ।




# ଫାଇନାନ୍ସ କର୍ମଚାରୀ ପରିଚୟ ଦେଇ ଟଙ୍କା ଲୁଟ୍; ୨ ଗିରଫ

କଟକ, ୧।୩(ସମିସ)

ଫାଇନାନ୍ସ ସଂସ୍ଥାରୁ ଋଣନେଇ ଖିଲାଫ କରୁଥିବା ଗାଡି ଓ ମାଲିକଙ୍କୁ ରାସ୍ତାରେ ଅଟକାଇବା ସହିତ ଧମକଚମକ ଦେଇ ଟଙ୍କା ଲୁଟୁଥିବା ୨ ଜଣ ଯୁବକଙ୍କୁ ମାଲଗୋଦାମ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯୋବ୍ରା ମଝିସାହିର ଇସ୍‌ତିୟାଜ ଖାନ ଓ ଟିଣପିଟା ସାହିର ହଜିବୁଲ୍ଲା ସାହାଉଦ୍ଦିନ। ଉଭୟଙ୍କୁ କୋର୍ଟଚାଲାଣ ପରେ ଚୌଦ୍ୱାର ଜେଲ ପଠାଇ ଦିଆଯାଇଥିବା ଜୋନ୍-ଏସିପି ଅରୁଣକୁମାର ସ୍ୱାଇଁ କହିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଋଣ ଖିଲାଫକାରୀଙ୍କ ନାମ ଓ ଗାଡିର ନମ୍ବର ଅଭିଯୁକ୍ତମାନେ ଏକ ଆପ୍ ବ୍ୟବହାର କରି କୌଶଳକ୍ରମେ ହାସଲ କରୁଥିଲେ। ଫଳରେ ଏହି ତଥ୍ୟକୁ ଆଧାରକରି ଅଭିଯୁକ୍ତମାନେ ଖିଲାଫକାରୀଙ୍କୁ ରାସ୍ତାରେ ଛକି ରହୁଥିଲେ। ପ୍ରଥମେ ଉକ୍ତ ଗାଡିଗୁଡିକ କେଉଁ ରାସ୍ତାଦେଇ ଚଳାଚଳ କରୁଛି, ସେ ନେଇ ଅଭିଯୁକ୍ତମାନେ ତଥ୍ୟ ସଂଗ୍ରହ କରିବା ପରେ ସେଗୁଡିକୁ ବାଟରେ ଅଟକାଇଥାନ୍ତି। ଏହାପରେ ସେମାନେ ନିଜକୁ ଉକ୍ତ ବ୍ୟାଙ୍କ ବା ଫାଇନାନ୍ସ ସଂସ୍ଥାର ଅଧିକାରୀ ଓ କର୍ମଚାରୀ ବୋଲି ପରିଚୟ ଦେଇଥାନ୍ତି।




ଋଣ କିସ୍ତି ଖିଲାପ୍ କରିଛ, ଯଦି ଟଙ୍କା ନ ଦିଅ ତେବେ ଗାଡିକୁ ନେଇଯିବୁ ବୋଲି ଧମକ ଦେଇଥାନ୍ତି। ଏହାପରେ ମାଲିକ ହେଉ କି ଚାଳକ ହେଉ ଭୟଭୀତ ହୋଇ ଆଉ କିଛିଦିନ ସମୟ ଦେବାକୁ କହିଥାନ୍ତି। ତେବେ ସେମାନେ ତାଙ୍କର କୌଣସି କଥାକୁ ନଶୁଣି ତାଙ୍କ ପାଖରେ ଥିବା ଟଙ୍କା ଛଡ଼ାଇ ନେଇ ପଳାଇଯାଇଥାନ୍ତି। ଅନ୍ୟପକ୍ଷରେ ଲୋକଲଜ୍ଜା କାରଣରୁ କେହି ଋଣ ଖିଲାପକାରୀ ଘଟଣା ସଂକ୍ରାନ୍ତରେ ପୁଲିସକୁ ଜଣାଇ ନଥାନ୍ତି। ତେବେ ଗତ ୨ ଦିନ ତଳେ କଟକର ଏକ ସଂସ୍ଥାରୁ ଋଣନେଇ ହାଇୱା କରିଥିବା ସାଲେପୁର ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ମହେନ୍ଦ୍ରକୁମାର ରାୟ ଗାଡିକୁ ନେଇ କଟକ ଆସିଥିଲେ। ସେ ଗତ ୨ ମାସ ହେବ ଋଣ କିସ୍ତି ପୈଠ କରିନଥିଲେ। ଏହାପରେ ସେ କାମ ଶେଷକରି ଚାଳକ ସହ ହାଇୱାକୁ ଧରି ଘରକୁ ଫେରୁଥିବା ବେଳେ ଯୋବ୍ରା ଅଣ୍ଡରପାସସ୍ଥିତ ଶନିମନ୍ଦିର ନିକଟରେ ଅଭିଯୁକ୍ତଦ୍ୱୟ ଗାଡିକୁ ଅଟକାଇ ଥିଲେ। ପୂର୍ବପରି ଉଭୟ ନିଜର ପରିଚୟ ଦେବା ସହିତ ଋଣ ଖିଲାପକାରୀ ହୋଇଥିବାରୁ ୧ଲକ୍ଷ ଟଙ୍କା ନ ଦେଲେ ଗାଡିକୁ ନେଇଯିବେ ବୋଲି ଧମକ ଦେଇଥିଲେ। ତେବେ କିଛିଦିନ ପରେ ସମସ୍ତ କିସ୍ତି ଟଙ୍କା ପୈଠ କରିଦେବେ ବୋଲି ମହେନ୍ଦ୍ର କହିଥିଲେ, ହେଲେ ଇସୟାଜ ଓ ହଜିବୁଲ୍ଲା ତାଙ୍କ କଥାକୁ ଶୁଣି ନଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ସେଠାରେ ଯୁକ୍ତିତର୍କ ହୋଇଥିଲା। ଅନ୍ୟଉପାୟ ନ ପାଇ ମହେନ୍ଦ୍ର କଟକରେ ରହୁଥିବା ତାଙ୍କର ସାଙ୍ଗକୁ ଫୋନକରି ଘଟଣା ସଂକ୍ରାନ୍ତରେ ଜଣାଇବା ସହିତ ସହଯୋଗ ମାଗିଥିଲେ। ଏହାପରେ ଉଭୟ ସାଙ୍ଗ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ସେମାନେ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ। ଫଳରେ ମହେନ୍ଦ୍ରଙ୍କ ଜଣେ ସାଙ୍ଗ ପାଖରେ ରଖିଥିବା ଏକ ରିଭଲଭର ବାହାର କରି ଇସୟାଜଙ୍କ ମୁଣ୍ଡରେ ଲଗାଇ ଦେଇଥିଲେ। ପ୍ରାଣଭୟରେ ଇସୟାଜ ଓ ହଜିବୁଲ୍ଲା ସେଠାରୁ ପଳାଇଯାଇ ଘଟଣା ସଂକ୍ରାନ୍ତରେ ଥାନାରେ ଏତଲା ଦେଇଥିଲେ।

ସେହିପରି ମହେନ୍ଦ୍ର ମଧ୍ୟ ଥାନାରେ ଏକ ଏତଲା ଦେଇଥିଲେ। ଉଭୟଙ୍କ ଏତଲାକୁ ଭିତ୍ତିକରି ପୁଲିସ ତଦନ୍ତ ଚଳାଇବା ପରେ ରାସ୍ତାରେ ଗାଡିକୁ ଅଟକାଇ ଟଙ୍କା ଲୁଟ୍‌ପାଟ କରିବା ନେଇ ପ୍ରଥମେ ଇସତିୟାଜ ଓ ହଜିବୁଲ୍ଲାକୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଇସତିୟାଜଙ୍କ ଏତଲା ଆଧାରେ ମୁଣ୍ଡରେ ରିଭଲଭର ଲଗାଇଥିବା ମହେନ୍ଦ୍ରଙ୍କ ସାଙ୍ଗକୁ ମଧ୍ୟ ଗିରଫ କରାଯାଇଥିଲା। ତେବେ ଉକ୍ତ ରିଭଲଭରଟି ଲାଇସେନ୍ସ ପ୍ରାପ୍ତ ହୋଇଥିବା ତାଙ୍କୁ ନୋଟିସ ଦେଇ ପୁଲିସ ଛାଡି ଦେଇଥିଲା। ସେହିପରି ଅଭିଯୁକ୍ତଦ୍ୱୟଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ବେଳେ ଘଟଣାରେ ସମ୍ପୃକ୍ତ ଆଉ ୨ ଜଣକୁ ଧରିବା ପାଇଁ ଉଦ୍ୟମ କରାଯାଉଥିବା ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ କହିଛନ୍ତି।

# କଟକ ସିଟି





## ବାଉନ ବଜାର ତେପନ ଗଳି



# ଖଟବିନ୍ ସାହି

ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ପର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...

## ପ୍ରମୁଖ ଅନୁଷ୍ଠାନ ପ୍ରତିଷ୍ଠାନ

ଖଟବିନ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗନ୍ଧେଶ୍ୱରୀ ସ୍କୁଲ, ମନମୋହନ ସ୍ମାରକ ପାଠାଗାର, ଲାଲବାଗ ଥାନା ଫାଣ୍ଡି, ଉର୍ଦ୍ଦୁ ଟ୍ରେନିଂ ସ୍କୁଲ, ମାଦ୍ରାସା, କଳାକଳ୍ପନା ଆର୍ଟ ସ୍କୁଲ ସାହିରେ ରହିଥିବା ବେଳେ ଖଟବିନ ସାହି ଦୁର୍ଗାପୂଜା କମିଟି, ଗୋପୀନାଥଜୀଉ ସଂକୀର୍ତ୍ତନ ମଣ୍ଡଳି ଭଳି ଅନୁଷ୍ଠାନ ମଧ୍ୟ ରହିଛି ।







ଆମ ସାହି କଟକର ଅନ୍ୟତମ ଶୃଙ୍ଖଳିତ ସାହି । ସାହି ବାସିନ୍ଦାଙ୍କ ସହଯୋଗରେ କମିଟି ପକ୍ଷରୁ ୨୦୧୫ ମସିହାରେ ନୂତନ ଚାନ୍ଦିମେଢ଼ ଆମେ ନିର୍ମାଣ କରିପାରିଛୁ । କମିଟିର ସଦସ୍ୟମାନେ କେବଳ ପୂଜା କାର୍ଯ୍ୟରେ ନିଜକୁ ସୀମିତ ନ ରଖି ବିଭିନ୍ନ ସେବା ମୂଳକ କାର୍ଯ୍ୟରେ ମଧ୍ୟ ସକ୍ରିୟ ରହିଥାନ୍ତି । ବନ୍ୟା, ବାତ୍ୟା ଓ କରୋନା ସମୟରେ ଆମ କମିଟିର କର୍ମକର୍ତ୍ତା ବିପନ୍ନ ଲୋକଙ୍କୁ ମଧ୍ୟ ସହଯୋଗ କରିଆସିଛୁ ।

**ତରୁଣ କୁମାର ଦେ**, ଖଟବିନ ସାହି ପୂଜା କମିଟି ସଭାପତି



ଆମ ସବୁବେଳେ ସାହିରେ ଆୟୋଜିତ ହେଉଥିବା ବିଭିନ୍ନ ପୂଜାପର୍ବାଣୀକୁ ବଡ ଧୂମାଧାମରେ ପାଳନ କରିଥାଉ । ମୁଖ୍ୟତଃ ଠାକୁରଙ୍କ ପୂଜାକୁ ଆମେ ପ୍ରାଥମିକତା ଦେଉଥିବା ବେଳେ । ପୂଜାରେ ଆମ ସାହିର ଯୁବକମାନଙ୍କ ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ସାହିର ମୁରବୀ ଓ ଯୁବକମାନେ ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

**ଶୁଭାନ୍ୱେଷ ମିଶ୍ର**, ଖଟବିନ ସାହି ପୂଜା କମିଟି ସମ୍ପାଦକ



ମୋତେ ଆସି ୭୬ ବର୍ଷ ହେଲାଣି । ବର୍ତ୍ତମାନ ଆମ ସାହିରେ ଅନେକ କିଛି ପରିବର୍ତ୍ତନ ହୋଇଗଲାଣି । ଆମ ପିଲାବେଳେ ସାହିରେ କେବଳ ନାଳି ମାଟି ଗୋଡି ରାସ୍ତା ଥିଲା । ସାହିରେ ବିଦ୍ୟୁତ୍ ନ ଥିଲା କେବଳ ବିଦ୍ୟୁତ୍ ଖୁଣ୍ଟରେ ଗୋଟେ ଗୋଟେ ବତି ଜଳୁଥିଲା । ଏତେ ଘରବାଡ଼ି ମଧ୍ୟ ନ ଥିଲା ସାହିରେ ପ୍ରାୟ ସମସ୍ତଙ୍କ ଚାଳଘର ଥିଲା ।

**ଶ୍ୟାମସୁନ୍ଦର ମହାପାତ୍ର**, ବରିଷ୍ଠ ନାଗରିକ



ମୋତେ ଆସି ୫୫ ବର୍ଷ ହେଲାଣି । ମୁଁ ୩୫ ବର୍ଷ ହେବ ସାହିକୁ ବିବାହ କରିକି ଆସିଲିଣି । ସେ ସମୟ ତୁଳନାରେ ବର୍ତ୍ତମାନ ସମୟରେ ସାହିରେ ଅନେକ ପରିବର୍ତ୍ତନ ହୋଇଗଲାଣି । ଅନେକ ବରିଷ୍ଠ ଲୋକ ମଧ୍ୟ ଆରପାରିକୁ ଚାଲିଗଲେଣି । ବର୍ତ୍ତମାନ ସାହିରେ ବିଭିନ୍ନ ପର୍ବପର୍ବାଣୀ ବଡ ଧୂମଧାମରେ ପାଳିତ ହେଉଛି ।

**ଗୀତାରାଣୀ ସିଂହ**, ବରିଷ୍ଠ ନାଗରିକ




କଳା ଓ ସଂସ୍କୃତିର ସହର କଟକରେ ଖଟବିନ ସାହି ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖି ପାରିଛି । ଆୟତନ ଦୃଷ୍ଟିରୁ ଏହି ସାହି ଏକ କ୍ଷୁଦ୍ର ଅଞ୍ଚଳକୁ ନେଇ ଗଠିତ ହୋଇଥିଲେ ମଧ୍ୟ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

## ବିଭିନ୍ନ କ୍ଲବ୍ ଓ ଯୁବକ ସଂଘ

କଟକର ଅନ୍ୟତମ ପୁରାତନ ଉଦୟସଂଘ କ୍ଲବ୍, ଗଣେଶ କ୍ଲବ୍, ମହାବୀର କ୍ଲବ୍ ସାହିରେ ରହିଛି ।

## ସାହିର ବିଶେଷତ୍ୱ

ଖଟବିନ୍ ସାହିରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ବାସ କରୁଥିବାବେଳେ । ଏଠାରେ କେବେ କିଛି ବିଶୃଙ୍ଖଳା ଦେଖିବାକୁ ମିଳେ ନାହିଁ । ସାହିର ବାସିନ୍ଦାମାନେ ସବୁବେଳେ ପରସ୍ପରର ସୁଖଦୁଃଖରେ କାନ୍ଧକୁ କାନ୍ଧ ମିଳାଇ ଛିଡ଼ାହୋଇଥାନ୍ତି । ହିନ୍ଦୁ ଲୋକମାନେ ଇଦ ପର୍ବକୁ ବଡ଼ ଧୂମଧାମରେ ପାଳନ କରିବାରେ ସହଯୋଗ କରୁଥିବା ବେଳେ ମୁସଲିମ୍ ଲୋକମାନେ ମଧ୍ୟ ଦୁର୍ଗାପୂଜାରେ ଆସି ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି ।

## ପରିସୀମା

ଖଟବିନ ସାହିର ପରିସୀମା କଟକ ଚଣ୍ଡୀ ରୋଡ ଶେଖ ବଜାର ନିକଟରୁ ଆରମ୍ଭ ହୋଇ ରୋଭର୍ସ ଷ୍ଟ୍ରିଟ ବସନ୍ତ ଦାନଙ୍କ ଘର ପର୍ଯ୍ୟନ୍ତ ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ସୂତାହାଟ ପୋଲ ନିକଟରୁ ଆରମ୍ଭ ହୋଇ ଖଟବିନ ସାହି ଦୁର୍ଗାଘର ପାର୍ଶ୍ୱ ଗଳି ଶେଷ ପର୍ଯ୍ୟନ୍ତ ସାହିର ସୀମା ପରିବ୍ୟାପ୍ତ । ଖଟବିନ୍ ସାହିର ଇଲାକା କଟକ ମହାନଗର ନିଗମର ୧୪ନଂ, ୧୬ନଂ ଓ ୧୯ନଂ ୱାର୍ଡ ମଧ୍ୟରେ ରହିଛି । ସାହିର ସମ୍ପୂର୍ଣ୍ଣ ଅଞ୍ଚଳ ଲାଲବାଗ ଥାନା ପରିସୀମା ମଧ୍ୟରେ ଆସିଥାଏ । ସାହିର ଲୋକସଂଖ୍ୟା ୫ ହଜାରରୁ ଅଧିକ । ଖଟବିନ ସାହିରେ ରହିଛି ବାରି ଲେନ, ମସଜିଦ ଲେନ ଓ ହରିଜନ ସାହି ।



ଖଟବିନ୍ ସାହି ପୂଜା କମିଟି କର୍ମକର୍ତ୍ତା

## ପର୍ବପର୍ବାଣୀ ଓ ଯାନିଯାତ୍ରା



ସାହିରେ ୧୨ ମାସରେ ୧୩ ଯାତ୍ରା ହେଉଥିବା ବେଳେ ଦୁର୍ଗାପୂଜା, କାଳୀପୂଜା, ଗଣେଶ ପୂଜା, ଜାଗର ଓ ଦୋଳ ପର୍ବ ବଡ଼ ଧୂମଧାମରେ ପାଳିତ ହୋଇଥାଏ । ସାହିର ଥିବା ବିଭିନ୍ନ ଶିବ ମନ୍ଦିରରେ ଶିବରାତ୍ରି ପାଳିତ ହେଉଥିବା ବେଳେ ସାହିରେ ରଥଯାତ୍ରା ବଡ଼ ଧୂମଧାମରେ ପାଳିତ କରାଯାଇଥାଏ । ଏଥି ସହ ଖଟବିନ୍ ସାହି ଦୁର୍ଗାପୂଜା କମିଟି ଦ୍ୱାରା ସାହିରେ ଜନ୍ମାଷ୍ଟମୀ, ସରସ୍ୱତୀ ପୂଜା ମଧ୍ୟ ହୋଇଥାଏ ।







## ବିଶିଷ୍ଟ ବ୍ୟକ୍ତିବିଶେଷ

ବିଧାୟକ ସତ୍ୟସୁନ୍ଦର ମିଶ୍ର, ଗ୍ରନ୍ଥ ମନ୍ଦିରର ପ୍ରତିଷ୍ଠାତା ପ୍ରକାଶକ ଶ୍ରୀଧର ମହାପାତ୍ର, ବିଶିଷ୍ଟ ପ୍ରକାଶକ ଅଭିରାମ ମହାପାତ୍ର, ପଣ୍ଡିତ ଭୁବନେଶ୍ୱର ମିଶ୍ର, ଆଇଏଏସ ଦଣ୍ଡନିରୋଧ ମିଶ୍ର, ଆଇଏଏସ ରୂପା ମିଶ୍ର, ଆଇପିଏସ ସୌମ୍ୟା ମିଶ୍ର, ଆଇପିଏସ ତଦାଶା ମିଶ୍ର, ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ ମହାପାତ୍ର, ଲେଖକ କିଶୋରୀ ଚରଣ ଦାସ, ପ୍ରଫେସର ତତ୍ତ୍ୱକନ୍ଦର ମିଶ୍ର, ପ୍ରକାଶକ ଖଣ୍ଡକ୍ଷୀରୋଦ ମିଶ୍ର, କିଶୋର କବି ଶ୍ୟାମସୁନ୍ଦର ଦାସ, ପ୍ରକାଶକ ମନୋଜ କୁମାର ମହାପାତ୍ର ।

## ପ୍ରମୁଖ ଧର୍ମାନୁଷ୍ଠାନ

ସାହିରେ ମା'ଗନ୍ଧେଶ୍ୱରୀ ଠାକୁରାଣୀ ଥିବାବେଳେ ବିଶ୍ୱକର୍ମା, ମା' ଅନ୍ନପୂର୍ଣ୍ଣା ଠାକୁରାଣୀ ଓ ଶ୍ରୀ କାଳୀୟଦଳନ ଘରୋଇ ଠାକୁର ଭାବେ ପୂଜା ପାଆନ୍ତି । ମୁସଲିମ ସମ୍ପ୍ରଦାୟର ବଡ଼ି ମସଜିଦ ମଧ୍ୟ ରହିଛି ।





## ଖାଦ୍ୟ ଦେଇଛି ପରିଚୟ

ସାହିରେ ଦୁର୍ଗାପୂଜା ଦଶମୀ ଦିନ ଦହି ପଖାଳ ପ୍ରସାଦ ଲାଗି ହୋଇଥାଏ ଏବଂ ସନ୍ଧ୍ୟାରେ ଖେଚୁଡ଼ି ପ୍ରସାଦ ଲାଗି ହୋଇଥାଏ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ପରେ ଏହି ପ୍ରସାଦ ସେବନ କରି ଆତ୍ମତୃପ୍ତି ଲାଭ କରିଥାନ୍ତି । ଏଥି ସହ ସାହିରେ ଅରୁଣ ଭାଇଙ୍କ ବରା ପିଆଜି ଖାଇବାକୁ କଟକ ସହରର ବହୁ ଲୋକ ଆସି ଖଟବିନ ସାହିରେ ଭିଡ ଜମାଇଥାନ୍ତି । ସେହିଭଳି ପରେଶ ଭାଇଙ୍କ ହାତତିଆରି ସୁସ୍ୱାଦୁ ଚାହା ପିଇବା ପାଇଁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ତାଙ୍କ ଦୋକାନରେ ଲାଗି ରହିଥାଏ ଭିଡ଼ ।

## ସାହିର ସମସ୍ୟା

ଖଟବିନ ସାହି ସହରର ତଳି ଅଞ୍ଚଳ ମଧ୍ୟରେ ଆସୁଥିବାରୁ ଏଠାରେ ବର୍ଷାଦିନେ ଜଳ ନିଷ୍କାସନ ସମସ୍ୟା ଦେଖାଦେଇଥାଏ । ଏଥି ସହ ସାହିରେ ବୁଲା ଗୋରୁଗାଈଙ୍କ ଉତ୍ପାତ ମଧ୍ୟ ସାହି ବାସିନ୍ଦାଙ୍କ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି ।

## ଦୁର୍ଗାପୂଜାର ଇତିହାସ

ସାହି ମୁରବୀଙ୍କ ମତ ଅନୁସାରେ ବହୁ ବର୍ଷ ପୂର୍ବରୁ ମହାଦେବଙ୍କ ଗଙ୍ଗା ଅବତାର ମୃଣ୍ମୟ ପ୍ରତିମା ପୂଜା କରାଯାଉଥିଲା । ପରବର୍ତ୍ତୀ ସମୟରେ କିଛି ବର୍ଷ ମା'ଅନ୍ନପୂର୍ଣ୍ଣାଙ୍କ ପ୍ରତିମା ପୂଜା କରାଗଲା । ୧୯୭୯ ମସିହାରେ ସାହି ବାସିନ୍ଦାଙ୍କ ଉଦ୍ୟମରେ ମହାମାୟା ଦଶଭୁଜା ମା ଦୁର୍ଗା ଠାକୁରାଣୀଙ୍କ ପୂଜା ଆରମ୍ଭ ହୋଇ ଅଦ୍ୟାବଧି ଅନୁଷ୍ଠିତ ହୋଇଆସୁଛି । ପ୍ରତିବର୍ଷ ଶାରଦୀୟ ଦୁର୍ଗାପୂଜା ଅବସରରେ ମା ଦୁର୍ଗା ଠାକୁରାଣୀଙ୍କ ଆକର୍ଷଣୀୟ ସୁନ୍ଦର ପ୍ରତିମୂର୍ତ୍ତି ଦର୍ଶନ କରି ଅଭିଭୂତ ହୋଇଥାନ୍ତି ଶ୍ରଦ୍ଧାଳୁ । ୨୦୧୫ ମସିହାରେ ସଭାପତି ତରୁଣ କୁମାର ଦେଙ୍କ ନେତୃତ୍ୱରେ ସାହି ବାସିନ୍ଦାଙ୍କ ସହଯୋଗରେ କମିଟି ପକ୍ଷରୁ ନୂତନ ଚାନ୍ଦିମେଢ଼ ନିର୍ମାଣ କରାଯାଇଛି । ଯାହାକି କଟକ ସହରରେ ୨୧ ତମ ଚାନ୍ଦି ମେଢ଼ ଭାବେ ସ୍ୱୀକୃତି ପାଇଛି ।



## ଦଶହରାରେ ସିନ୍ଦୂର ଖେଳ

ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ସାହିରେ ମା ଦୁର୍ଗାଙ୍କ ପୂଜା କରାଯାଇଥାଏ । ସାହିରେ ବଙ୍ଗୀୟ ସମ୍ପ୍ରଦାୟର ମହିଳାମାନେ ରହୁଥିବାରୁ ଦଶମୀ ଦିନ ଠାକୁରାଣୀଙ୍କ ନିକଟରେ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥାଏ । ଏହି ସିନ୍ଦୂର ଖେଳରେ ମହିଳାମାନେ ଦେବୀ ଦୁର୍ଗାଙ୍କ ନିକଟରେ ପୂଜା କରିଥିବା ସିନ୍ଦୂରକୁ ପରସ୍ପରର ମୁହଁରେ ବୋଳି ମାଁ'ଙ୍କୁ ବିଦାୟ ଜଣାଇଥାନ୍ତି । ଏହି ସିନ୍ଦୂର ଖେଳ କାର୍ଯ୍ୟକ୍ରମ ବେଶ ନିଆରା ।



### ଅଂଶୁଘାତ ନିରାକରଣ ପ୍ରସ୍ତୁତି ବୈଠକ

# ନଳକୂପ ଓ ପାଣିଟ୍ୟାପ୍ ମରାମତି କରିବାକୁ ନିର୍ଦ୍ଦେଶ



**ବାଙ୍କୀ, ୧।୩(ସମିସ):** ବାଙ୍କୀ ଉପଖଣ୍ଡରେ ଗ୍ରୀଷ୍ମ ଉତ୍ତାପ ଜନିତ କଷ୍ଟ ଏବଂ ଅଂଶୁଘାତ ନିରାକରଣ ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଙ୍କୀ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ସଭାପତିତ୍ୱ କରି ଗ୍ରୀଷ୍ମ ଋତୁରେ ଉତ୍ତାପ ବୃଦ୍ଧି ଯୋଗୁଁ ହେଉଥିବା ସମସ୍ୟାକୁ କିପରି ସୂଚାରୁ ରୂପେ ପ୍ରତିକାର କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବାଙ୍କୀ ବ୍ଲକ, ଡମପଡ଼ା ବ୍ଲକ ଏବଂ ଏନ୍ଏସି ଅଞ୍ଚଳରେ କିପରି ପାନୀୟ ଜଳ ସୁଚାରୁ ରୂପେ ଏବଂ ବ୍ୟାପକ ଭାବରେ ଜନସାଧାରଣମାନେ ପାଇପାରିବେ ତାହାର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଳକୂଅ ଗୁଡିକ ଏବଂ ପାଣିଟ୍ୟାପ୍ ଗୁଡିକ ଯଥାଶୀଘ୍ର ମରାମତି କରାଯିବା ସହ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଜଳଛତ୍ର ଖୋଲାଯିବା ସହ ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଅଂଶୁଘାତ ଜନିତ ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟତରଫରୁ ଡା. ପଦ୍ମଲୋଚନ ପଣ୍ଡା ପ୍ରକାଶ କରିଥିଲେ। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ଛୋଟପିଲା ଓ ଛାତ୍ରଛାତ୍ରୀମାନେ କିପରି ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ ସେଥିପାଇଁ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହରିରାଜପୁର ଗ୍ରାମରେ ପାନୀୟ ଜଳର ଘୋର ସଂକଟ ଦେଖା ଦେଇଥିବା କଥା ସ୍ଥାନୀୟ ସରପଞ୍ଚ ଅଦ୍ୱୈତ୍ୟ ବେଉରା, ସମାଜସେବୀ ପ୍ରସନ୍ନ ପଣ୍ଡା, ବିଜୟ ସାହୁ, ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହି ପାନୀୟ ଜଳ ସମସ୍ୟାର ୭ ଦିନ ଭିତରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ଅଚଳ ହୋଇଥିବା ନଳକୂପ ଗୁଡିକୁ ମରାମତି କରିବା ସହ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଛୁଟି ଦିନରେ କିପରି ପିଲାମାନେ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ପାଇପାରିବେ ତାହା ଉପରେ ବ୍ଲକ ଶିକ୍ଷାଧିକାରୀମାନେ ଦୃଷ୍ଟି ଦେବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଡମପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ଦାସ, ବାଙ୍କୀ ତହସିଲଦାର ଅଶେଷ ନାୟକ, ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଶ, ସହକାରୀ ଜିଲ୍ଲାପାଳ ପର୍ଶୁରାମ ମଲ୍ଲିକଙ୍କ ସମେତ ଉପଖଣ୍ଡର ବିଭିନ୍ନ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଆଇନଜୀବୀ

**କଟକ, ୧।୩(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମୋକଦ୍ଦମା ପରିଚାଳନା କରୁଥିବା ଅଣକ୍ୟାଡର ଭୁକ୍ତ ଲ ଅଫିସରମାନଙ୍କର ଦୈନିକ ଓ ରିଟେନେର ଫିସରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଲ ଅଫିସର ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଲ ଅଫିସରମାନଙ୍କ ଦୈନିକ ଭତ୍ତା ଓ ରିଟେନେର ଫିସକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଆଇନମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ରାଜ୍ୟ ବିଜେଡି ଆଇନଜୀବୀ ତରଫରୁ କୃତଜ୍ଞତା ଜଣାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ସଭାପତି ଶୀତାଂଶୁ ମୋହନ ଦ୍ୱିବେଦୀ, ଉପସଭାପତି ରାଜୀବ ମହାନ୍ତି, ବିଜେଡି ଆଇନଜୀବୀ ସାମୁଖ୍ୟର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ସମ୍ପାଦକ ଶୁଭ୍ରାଂଶୁ ମହାନ୍ତିଙ୍କ ଅକ୍ଲାନ୍ତ ପ୍ରଚେଷ୍ଟାକୁ ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଭୂୟସୀ ପ୍ରଶଂସା କରି ରାଜ୍ୟ ସଂଯୋଜକ ମନୋଜ ବର୍ମା, ଗଗନ ଚନ୍ଦ୍ର ମେହେର, ଶଶୀଭୂଷଣ ଦାସ, ଜୟଦୀପ ପାଲ, ବଂଶୀଧର ଶତପଥୀ, ସୁରେଶ ବାରିକ, ସନ୍ତୋଷ ନାୟକ, ଅଶୋକ ସ୍ୱାଇଁ, ଦୀପକ ପରିଡ଼ା, ହରଜିନ୍ଦର ସିଂହ, ବିଜ୍ଞାନ ମହାପାତ୍ର, ବିଜୟ ପରିଡ଼ା, ପ୍ରଭାତ ଦାସ, ଅମରେଶ ତ୍ରିପାଠୀ, ପ୍ରବୀର କର, ଅମିତାଭ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ଅମିତାଭ ମିଶ୍ର ଓ ରାଜ୍ୟର ସମସ୍ତ କ୍ୟାଡର ଭୁକ୍ତ ଲ ଅଫିସରମାନେ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ବୀମା, ମାଚିଙ୍ଗ ଗ୍ରାଣ୍ଟର ସକ୍ଷମ କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା



**ନିଶ୍ଚିନ୍ତକୋଇଲି, ୧।୩(ସମିସ):** ନରେନ୍ଦ୍ରପୁର ପଞ୍ଚାୟତ ଫତେପୁର ଗ୍ରାମର ହୃଷିକେଶ ନାୟକଙ୍କ ଘରେ ବିଦ୍ୟୁତ୍ ସଟ୍ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଥିବା ବେଳେ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ, ଆଇନଜୀବୀ ବିନୋଦ ବିହାରୀ ଚୌଧୁରୀ, ରାମଚନ୍ଦ୍ର ନାୟକ, ବ୍ରଜମୋହନ ପଣ୍ଡା, ମନୋଜ ସେଠୀ, ସମିତିସଭ୍ୟ ପ୍ରଭାକର ଗୋଚ୍ଛାୟତ, ଗୋଲାମ ମେହେନ୍ଦୀ ହୁସେନ, ବିଳାସ ମଲିକ ପ୍ରମୁଖ ଅଗ୍ନିବିପନ୍ନଙ୍କ ଘରେ ପହଞ୍ଚି ତାଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା, ଦୁଇଟି ଜରିପାଲ, ଶୁଖିଲା ଖାଦ୍ୟ, ବିଭିନ୍ନ ଆସବାପତ୍ର ପ୍ରଦାନ କରିଛନ୍ତି। ଖୁବ୍ଶୀଘ୍ର ବିପନ୍ନ ପରିବାରକୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

## ଗୋରୁ ଗାଡ଼ି ଓଲଟି, ୮ ଗାଈ ମୃତ



**ବାଙ୍କୀ, ୧।୩(ସମିସ):** ଆଜି ବୈଦ୍ୟେଶ୍ୱର ପୁଲିସ ପକ୍ଷରୁ ଗୋ ଚାଲାଣ ସମୟରେ ଚଢ଼ଉ କରାଯାଇ ୨୨ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ୮ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଆଜି ଭୋର ସମୟରେ ବେଗୁନିଆ ଅଞ୍ଚଳରୁ ସମ୍ବଲପୁରକୁ ଗୋ-ଚାଲାଣ ହେଉଥିବା ବେଳେ ବାଙ୍କୀ ବୈଦ୍ୟେଶ୍ୱର ଆରଆଇ କାର୍ଯ୍ୟାଳୟ ନିକଟରୁ ବୈଦ୍ୟେଶ୍ୱର ପୁଲିସ ଗୋରୁ ଗାଡ଼ିଟି ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଗାଡ଼ି ଚାଳକ ପୁଲିସକୁ ଦେଖି ଭାରାସାମ୍ୟ ହରାଇବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ବୈଦ୍ୟେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶିନୀ ସେଠୀ ଓ ଜଣେ ପୁଲିସ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଗାଡି ଡ୍ରାଇଭର ଓ ହେଲପର୍ ଚମ୍ପଟ ମାରିଛନ୍ତି। ଆହାତ ଗୋ-ମାତାଙ୍କର ଚିକିତ୍ସା ପାଇଁ ବୈଦ୍ୟେଶ୍ୱର ପଶୁ ବିଭାଗକୁ ହସ୍ତାନ୍ତର କରାଯାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ବଡ଼ମ୍ବା, ୧।୩(ସମିସ):** ବଡ଼ମ୍ବା ଥାନା ଅନ୍ତର୍ଗତ ଧୋବଣୀନାଳ ଛକ ଠାରେ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ମାଣିଆବନ୍ଧ ଥାନା ଅନ୍ତର୍ଗତ କସିକିଆରି ଗ୍ରାମ ପଞ୍ଚାୟତ ଅଧୀନ ଗୋଜାପଡ଼ା ଗ୍ରାମର ଧୋବେଇ ଦେହୁରୀଙ୍କ ପୁଅ ମାନସ ଦେହୁରୀ(୩୫) ବଡ଼ବାରସିଂହ ନିଜ ଭଉଣୀ ଘରକୁ ଆସିଥିଲେ। ଭଉଣୀ ଘରେ କାମ ସାରି ନିଜ ଘର ଗୋଜାପଡ଼ା ଗ୍ରାମକୁ ଫେରିବା ବେଳେ ଜାତୀୟ ରାଜପଥ ୬୫ନଂ ମୁଖ୍ୟ ରାସ୍ତା ଉପରେ ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ମାନସଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଖବର ପାଇ ବଡ଼ମ୍ବା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାନସଙ୍କୁ ବଡ଼ମ୍ବା ଡାକ୍ତରଖାନାକୁ ପଠାଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଜୁ ଭବନ ସମ୍ମୁଖରେ ପ୍ରତିବାଦ

**କଟକ, ୧।୩(ସମିସ):** କଟକ ମହାନଗର ନିଗମ (ସିଏମ୍ସି) ରେ ବାହ୍ୟସଂସ୍ଥା ଜରିଆରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ତିନିମାସ ହେବ ଦରମା ମିଳିନାହିଁ। ଏ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଆଜି ବିଜୁ ଭବନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ବହୁ କର୍ମଚାରୀ ଏକଜୁଟ ହୋଇ ତୁରନ୍ତ ଦରମା, ଇପିଏଫ, ଇଏସଆଇ ପ୍ରଭୃତି ପ୍ରଦାନ କରିବାକୁ ଦାବି କରିଥିଲେ। ସିଏମସିର ନୂତନ କମିଶନର ଯୋଗଦେବା ପରେ ଏ ସଂକ୍ରାନ୍ତରେ ଦାବି ଉପସ୍ଥାପନ କରିଥିଲେ।

### ■ ସାଲେପୁରକୁ ଏନ୍ଏସି ମାନ୍ୟତା ମିଳିବା ପରେ

# ‘୫-ଟି’ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କଲେ ଅଞ୍ଚଳବାସୀ



**ସାଲେପୁର, ୧।୩(ସମିସ):** ସାଲେପୁରକୁ ଏନ୍ଏସି ମାନ୍ୟତା ନେଇ ସାଲେପୁର ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ନବୀନ ନିବାସ ଯାଇ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଗତ ମାସ ୨୪ତାରିଖ ଦିନ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଲେପୁର ସମେତ ୩୪ଟି ଅଞ୍ଚଳକୁ ଏନ୍ଏସି ଘୋଷଣା କରିଛନ୍ତି। ଏନେଇ ସାଲେପୁର ଅଞ୍ଚଳର ଦଳବର୍ଣ୍ଣ ନିର୍ବିଶେଷରେ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସାଲେପୁରକୁ ଏନ୍ଏସି ଘୋଷଣା କରାଯାଇଥିବାରୁ ଆଜି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚି ଆମ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ନମିତା ସେଠୀ, ରଞ୍ଜିତା ସେଠୀ, ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ବାଲିସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଯୁବନେତା ବିରଞ୍ଚି ନାରାୟଣ କର, ସାଂସଦ ପ୍ରତିନିଧି ଗୁଲରେଜ୍ ଅଲ୍ଲୀ, ସହରାଞ୍ଚଳ ବିକାଶ ପରିଷଦ ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ, ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ ଦାଶ, ସମ୍ପାଦକ ବିଷ୍ଣୁଚରଣ ମିଶ୍ର, ସାମ୍ବାଦିକ ଅରବିନ୍ଦ ଭୂୟାଁ, ଶୁଭମ୍ ଦାଶ, ସୌମ୍ୟରଞ୍ଜନ ମଲ୍ଲ, ନବକିଶୋର କର, ସମିତିସଭ୍ୟା ଗୌତମୀ ମଲ୍ଲିକ, ବିଜେଡି ଗଣମାଧ୍ୟମ ସମ୍ପାଦକ ମହମ୍ମଦ ଇଜହାର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ସରପଞ୍ଚ ଜ୍ୟୋତିରେଖା ନାୟକ, ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଅନନ୍ତ ଚରଣ ପ୍ରଧାନ, ବିଶ୍ୱଜିତ୍ ବିଶ୍ୱାଳଙ୍କ ସମେତ ବହୁ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



**ମାହାଙ୍ଗା, ୧।୩(ସମିସ):** ରାଜ୍ୟ ସରକାର ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରବା ସହ ଅବସରକାଳୀନ ଭତ୍ତା, ଦୁର୍ଘଟଣାଜନିତ ସହାୟତା ଆଦି ପ୍ରଦାନ କରିଥିବାରୁ ମାହାଙ୍ଗା ଅଙ୍ଗନବାଡ଼ି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ମାହାଙ୍ଗା ଅଙ୍ଗନବାଡି ସଂଘ ସଭାନେତ୍ରୀ ରଶ୍ମିରେଖା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳିନୀରେ ସମ୍ପାଦିକା ରତି ଲେଙ୍କା, ସବିତା ଦାସ, ସ୍ମୃତି ପ୍ରିୟଦର୍ଶନୀ ସିଂହ, ତୃପ୍ତି ରଞ୍ଜିତା ଶତପଥି, ହରପ୍ରିୟା ପଣ୍ଡା, ରଶ୍ମିତା ଦାସ, ହରପ୍ରିୟା ମହାନ୍ତି, ଜ୍ୟୋସ୍ନାମୟୀ ଦାସ, ରଶ୍ମି ଲେଙ୍କା, ଆଶା ଲତା ସାଗରିକା ଜେନାଙ୍କ ସମେତ ବହୁ ଅଙ୍ଗନବାଡ଼ି ସଂଘର କର୍ମକର୍ତ୍ତା ଓ କର୍ମୀ ଏବଂ ସହାୟିକାମାନେ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ପଦାର୍ଥ ବିଜ୍ଞାନ ବିଭାଗର ସମ୍ବର୍ଦ୍ଧନା ଉତ୍ସବ



**ବାଙ୍କୀ, ୧।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶେଷବର୍ଷ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଏକ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ନିରାକାର ସାମନ୍ତରାୟ, ଅଧ୍ୟାପକ ମନୋରଞ୍ଜନ ସାହୁ, ଅଧ୍ୟାପିକା ପ୍ରୀତିବନ୍ୟା ଶୁଭଲକ୍ଷ୍ମୀ, ବୃନ୍ଦାବନ ପ୍ରଧାନ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତୀକ୍ଷା ପାଲ୍ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋର୍ତିମୟୀ ବେହେରା ସଭାପରିଚାଳନା କରିଥିଲେ। ଶେଷରେ ପାଠଚକ୍ର ସମ୍ପାଦକ ଉମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୪୫ଗ୍ରାମ ବ୍ରାଉନ୍ସୁଗର ଜବତ; ଜଣେ ଗିରଫ

**କଟକ, ୧।୩(ସମିସ):** ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ରାଉନସୁଗାର ବେପାରୀ ଅଜୟ ଜେନା(୪୦)କୁ ଗିରଫ କରାଯାଇଛି। ତା’ ନିକଟରୁ ୪୫ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ବୋଲି ଆକଳନ କରାଯାଉଛି। ଗୋବିନ୍ଦପୁର ଥାନା କୂଳ ବ୍ରାହ୍ମଣ ସାଇଲୋ ଅଞ୍ଚଳର ଅଜୟ ଦୀର୍ଘ ଦିନ ହେବ ଫୁଲନଖରା ଓ ଓଲଟପୁର ଅଞ୍ଚଳରେ ବ୍ରାଉନସୁଗାର ପୁଡ଼ିଆ କରି ବିକ୍ରି କରୁଥିଲା। ସେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ପୁଡ଼ିଆ ଆମଦାନୀ କରୁଥିଲା। ଶୁକ୍ରବାର ସକାଳ ପ୍ରାୟ ୭ଟା ବେଳେ ଅଜୟ ଫୁଲନଖରା ଟ୍ରାଫିକ ଆଉଟପୋଷ୍ଟରେ ଛିଡ଼ା ହୋଇ ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲା। ଏହି ସମୟରେ ଜିଲ୍ଲା ଅବକାରୀ ବିଭାଗ ପୂର୍ବ ଯୋଜନା ଅନୁଯାୟୀ ସେଠାରୁ ଚଢ଼ଉ କରି ଅଜୟକୁ କାବୁ କରି ନେଇଥିଲା।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍ଘାଟିତ

**ମାହାଙ୍ଗା, ୧।୩(ସମିସ):** ମାହାଙ୍ଗା ବିଧାୟକ ପ୍ରତାପ ଜେନା ବାସୁଦେବପୁର ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୁବିଧା ସହାୟକ କେନ୍ଦ୍ର, ନୂଆହାଟ ମାର୍କେଟ କଂପ୍ଲେକ୍ସ, କଉଡୁକୋଲ ଗରିଗୋବର୍ଦ୍ଧନ ଦୋଳମଣ୍ଡପ ଓ କୁନ୍ଦଳ-କଉଡୁକୋଲ ଠାରେ ବାସୁବଦେପୁର ପଞ୍ଚାୟତ କଲ୍ୟାଣ ମଣ୍ଡପର ଶୁଭ ଉଦ୍ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ସରପଞ୍ଚ ଅନସୂୟା ଦାସ, ପ୍ରଶାନ୍ତ ପଟ୍ଟନାୟକ, ଯୁବନେତା ଶ୍ରୀକାନ୍ତ ଦାସ,



ଅୟେସକାନ୍ତ ସାମଲ, ଜୋନ ସଭାପତି ଦୀନବନ୍ଧୁ ସାହୁ, କେଶବ ନାୟକ, ବିଶ୍ୱଜିତ ବେହେରା, ଉପେନ୍ଦ୍ର ରାଉତ, ନରେନ୍ଦ୍ର ସାମଲ, ସରୋଜ ସାମଲ, ଗଣେଶ୍ୱର ମହାନ୍ତି, ମହିଳା ଫେଡରେସନ ସଭାପତି ସସ୍ମିତା ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କିଶୋରୀଚରଣ ଜନ୍ମ ଶତବାର୍ଷିକ ଓ ପୁରସ୍କାର ପ୍ରଦାନ ସମାରୋହ

# ଶତାବ୍ଦୀର ଶ୍ରେଷ୍ଠ କଥାକାର ଥିଲେ କିଶୋରୀଚରଣ

**କଟକ, ୧।୩(ସମିସ)**

କିଶୋରୀଚରଣ ସମକାଳୀନ ଓଡ଼ିଆ ସାହିତ୍ୟରେ ନାନା ପରୀକ୍ଷାନିରୀକ୍ଷା କରି ଆଧୁନିକ ଭାବନାକୁ ଯେପରି ବାସ୍ତବ ଭାବରେ ରୂପାୟିତ କରିଛନ୍ତି, ତା’ର ପଟାନ୍ତର ନାହିଁ ବୋଲି କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ପ୍ରଖ୍ୟାତ କଥାକାର କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ କିଶୋରୀଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ ସାରସ୍ୱତ ପୀଠ ଶତାବ୍ଦୀଭବନରେ ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସର୍ବୋଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟବିଚାରପତି ନ୍ୟାୟମୂର୍ତ୍ତି ଗୋପାଳ ବଲ୍ଲଭ ପଟ୍ଟନାୟକ ଉଦ୍ଘାଟନ କରି କହିଲେ ଯେ, କିଶୋରୀଚରଣ ଥିଲେ ମନନଶୀଳ କଥାଶିଳ୍ପୀ। ଜୀବନ ଓ ସମାଜର ମାର୍ମିକ କଥାକୁ ରୂପଚିତ୍ର ଦେବାରେ ସେ ଯେପରି ସମର୍ଥ ହୋଇଥିଲେ ତା’ର ତୁଳନା ନାହିଁ। ବାସ୍ତବରେ କିଶୋରୀଚରଣ ଥିଲେ ଏକ ଶତାବ୍ଦୀର ଶ୍ରେଷ୍ଠ କଥାଶିଳ୍ପୀ। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କଥାକାର ବିଭୂତି ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବରେ ବିଶିଷ୍ଟ କବି ହରପ୍ରସାଦ ଦାସ ଯୋଗଦେଇଥିଲେ।



ସ୍ମୃତି ସଂସଦର ସଭାପତି ନ୍ୟାୟମୂର୍ତ୍ତି ବିମଳ ପ୍ରସାଦ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟଙ୍କୁ ‘କିଶୋରୀଚରଣ ଜନ୍ମ ଶତବାର୍ଷିକୀ ପୁରସ୍କାର ସ୍ୱରୂପ ପଚିଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବକଥାଶିଳ୍ପୀ ସ୍ନେହଲତା ଦାସ ଲେଙ୍କା, ସୁଧୀର କୁମାର ଧାଙ୍ଗଡ଼ାମାଝୀ ଓ ଯୋଗେଶ୍ୱର ପଣ୍ଡାଙ୍କୁ ‘କିଶୋରୀଚରଣ ପୁରସ୍କାର’ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ସଂସଦ ଦ୍ୱାରା ‘ବିଦ୍ୟାପୁରୀ’ ପକ୍ଷରୁ ପ୍ରକାଶିତ ‘ଶତାବ୍ଦୀ କଥାଶିଳ୍ପୀ କିଶୋରୀଚରଣ’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସଦସ୍ୟ ତରୁଣ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡକ୍ଟର ଅଭୟ କୁମାର ରାଉତ, ସୁକାନ୍ତ ପ୍ରସାଦ ନନ୍ଦ, ଶିବାଶିଷ କର, ଡକ୍ଟର ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ମାନପତ୍ର ପାଠ କରିଥିଲେ ଓ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଗୋଟିଏ ରାତିରେ ୨ଟି ସ୍ଥାନରୁ ଚୋରି

**ତିଗିରିଆ,୧।୩(ସମିସ):** ତିଗିରିଆ ଥାନା ଅଧୀନ ପାଞ୍ଚଗାଁ ହାଟପଡିଆ ନିକଟସ୍ଥ ମା'ମଙ୍ଗଳାଙ୍କ ମନ୍ଦିର ସହ ନିକଟରେ ଥିବା ଏକ ଚିକେନ କାଉଣ୍ଟରକୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଦୁର୍ବୃତ୍ତମାନେ ମଙ୍ଗଳା ମନ୍ଦିରର କବାଟ ଭାଙ୍ଗି ମନ୍ଦିର ଭିତରେ ଥିବା ହୁଣ୍ଡିବାକ୍ସକୁ ନେଇଯିବା ସହିତ ନିକଟରେ ଥିବା ଏକ ଚିକେନ ସେଣ୍ଟରର କବାଟ ଭାଙ୍ଗି ଭିତରେ ଥିବା ନଗଦ ଅର୍ଥ ସହ ଏକ ରୂପା ଚେନ୍ ଓ ଲକେଟକୁ ଚୋରି କରିନେଇ ଯିବାରେ ସମର୍ଥ ହୋଇଛନ୍ତି। ଏନେଇ ତିଗିରିଆ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ମଙ୍ଗଳା ମନ୍ଦିରର ପୂଜକ ରଘୁନାଥ ନାଥ ଗତକାଲି ରାତିରେ ମନ୍ଦିରର ମୁଖ୍ୟ ଦ୍ୱାର ବନ୍ଦ କରି ଯିବା ପରେ ବିଳମ୍ବିତ ରାତିରେ ୪/୫ ଜଣ ଦୁର୍ବୃତ୍ତ ମନ୍ଦିରର କବାଟ ଭାଙ୍ଗି ଭିତରେ ଥିବା ଏକ ହୁଣ୍ଡିବାକ୍ସକୁ ନେଇଯିବା ପରେ ମଙ୍ଗଳା ମନ୍ଦିର ନିକଟରେ ଥିବା ଏକ ଚିକେନ୍ ସେଣ୍ଟରର କବାଟ ଭାଙ୍ଗି କ୍ୟାସବାକ୍ସରେ ଥିବା ନଗଦ ୧୧ ହଜାର ୫୦୦ ଟଙ୍କା, ୩ ଭରି ଓଜନର ଏକ ରୂପା ଚେନ ଓ ଦୁଇଟି ରୂପା ଲକେଟ ଚୋରି କରିନେଇଛନ୍ତି। ଦୁର୍ବୃତ୍ତମାନେ ଚୋରି କରି ସାରିବା ପରେ ଉଭୟ ସ୍ଥାନରୁ ଚୋରି କରିନେଇଥିବା ଜିନିଷ ପତ୍ରକୁ ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ଭାଙ୍ଗି ଏହା ଭିତରେ ଥିବା ଟଙ୍କା ତଥା ଜିନିଷପତ୍ରକୁ ନେଇ ଭଙ୍ଗା ହୁଣ୍ଡିବାକ୍ସ ଓ ଚିକେନ କାଉଣ୍ଟରର କ୍ୟାସ୍‌ବାକ୍ସକୁ ଫିଙ୍ଗିଦେଇ ଫେରାର ହୋଇଯାଇଛନ୍ତି। ନିକଟରେ ଲାଗିଥିବା ଏକ ସିସିଟିଭିରେ ଚୋରି ଦୃଶ୍ୟ ରେକର୍ଡିଂ ହୋଇଥିଲେ ହେଁ ଚିତ୍ରଗୁଡିକ ଅସ୍ପଷ୍ଟ ଥିବାରୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ମନ୍ଦିର ପକ୍ଷରୁ ପୂଜକ ରଘୁନାଥ ନାଥ ଓ ଚିକେନ ସେଣ୍ଟରର ମାଲିକ ସୁକାନ୍ତ ବେହେରା ଏଥିନେଇ ତିଗିରିଆ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରିବା ପରେ ସିସିଟିଭି ଫୁଟେଜକୁ ଆଧାରରେ ତିଗିରିଆ ପୁଲିସ ତଦନ୍ତ ଆରମ୍ଭ କରିଛି।

## କବାଡ଼ିଆଙ୍କୁ ମରଣାନ୍ତକ ଆକ୍ରମଣ

**କଣ୍ଟାପଡା,୧।୩(ସମିସ):** ଓଲଟପୁର ଥାନା ଅଧୀନ ଅଡଶପୁରର ଯୁବକ ବ୍ରଜକିଶୋର ସାହୁ (୩୮) କବାଡିଆ ବ୍ୟବସାୟ କରନ୍ତି। ଗତକାଲି ଗୁରବାର ସନ୍ଧ୍ୟା ସମୟରେ ନିଆଳି ଥାନା ମାଗୁରାକୁଦ ଅଞ୍ଚଳର ଜୈନିକ ବ୍ୟକ୍ତି ତାଙ୍କୁ କବାଡି ସାମଗ୍ରୀ ନେବାକୁ ଫୋନ କରିଥିଲେ। ସାମଗ୍ରୀ ଆଣିବା ପାଇଁ ବ୍ରଜ ଟାଟାଏସି ଗାଡି ଓ ଟଙ୍କା ଧରି ସେଠାରେ ପହଞ୍ଚିଲା ପରେ କେତେକ ଯୁବକ ତାଙ୍କୁ ଲୁଟ୍ ଉଦ୍ୟମ କରି ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଆକ୍ରମଣରେ ତାଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ମେଡିକାଲକୁ ରେଫର କରିଥିଲେ ଡାକ୍ତର। ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

## ପାଚେରି ଭାଙ୍ଗିବାକୁ ନେଇ ବିବାଦ



**କଟକ,୧।୩(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ ଶ୍ରୀ ପରମହଂସନାଥ ଦେବଙ୍କ ମନ୍ଦିର ରୂପାନ୍ତରୀକରଣ କାର୍ଯ୍ୟ ଚାଲିଥିବା ବେଳେ ଏକ ପାଚେରୀର କିଛି ଅଂଶ ଭଙ୍ଗାଯିବାକୁ ନେଇ ବିବାଦ ଉପୁଜିଛି। କାରଣ ୬ମାସ ତଳେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଥିବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ପାଚେରୀକୁ ନିର୍ମାଣ କରିଥିଲା। ଏଥିରେ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ସମ୍ପୃକ୍ତ ବିଭାଗର ବିନା ଅନୁମତିରେ ଏହି ପାଚେରୀର କିଛି ଅଂଶକୁ କଟକ ସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନ ନଂ-୨ ପକ୍ଷରୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଆର ଆଣ୍ଡ ବିର ଅଧୀକ୍ଷଣ ଯନ୍ତ୍ରୀ ଅନୁପ କୁମାର ବେହେରା ଭିନ୍ନ ମତ ରଖିଛନ୍ତି। ମନ୍ଦିରର ଉନ୍ନତିକରଣ ପାଇଁ ଡିପିଆର ପ୍ରସ୍ତୁତ ବେଳେ ଏହି ମନ୍ଦିରଟି ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି ବୋଲି କେହି ସୂଚନା ଦେଇ ନ ଥିଲେ। ତେଣୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଠାଇ ତଦନ୍ତ କରିବି ବୋଲି ଶ୍ରୀ ବେହେରା କହିଛନ୍ତି।

## ଭାଗବତ କଥାମୃତ ଜ୍ଞାନଯଜ୍ଞ

**ଚୌଦ୍ୱାର,୧।୩(ସମିସ):** ବାଣୀପଦା ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଭାଗବତ କଥାମୃତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସାତଦିନ ବ୍ୟାପି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପବିତ୍ର ଭାଗବତ ସପ୍ତାହ, ପ୍ରବଚନ, ନାମ ସଂକୀର୍ତ୍ତନ ସହିତ ଭାଗବତ ସମ୍ମିଳନୀ ଆଦି ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବୀନ୍ଦ୍ରନାଥ ଶତପଥୀ, ସତ୍ୟାନନ୍ଦ ବେହେରା, ପ୍ରବକ୍ତା ପଣ୍ଡିତ କାଳନ୍ଦୀ ଚରଣ ମହାରଣା ଭାଗବତ ସପ୍ତାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଅଧ୍ୟକ୍ଷ ସିଦ୍ଧେଶ୍ୱର ନାୟକ, ପରମାନନ୍ଦ ସାହୁ, ହୃଷିକେଶ ମହାନ୍ତି, ପଙ୍କଜ ଲୋଚନ ପଣ୍ଡା, ସାବିତ୍ରୀ ପଣ୍ଡା, ପ୍ରଭାକର ପ୍ରଧାନ ପ୍ରମୁଖ ଭାଗବତ କଥାମୃତ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ଆଧ୍ୟାତ୍ମବାଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର ବର୍ଦ୍ଧନ, ରବି ନାରାୟଣ ସିଂ, ସୁରେନ୍ଦ୍ରନାଥ ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋମାଂସ ଚାଲାଣ ବେଳେ ଉତ୍ତେଜନା

# ଚାଳକଙ୍କୁ ମାଡ଼; ୧୦ ଗୋ-ସେବକ ଗିରଫ

**ନିଶ୍ଚିନ୍ତକୋଇଲି,୧।୩(ସମିସ)**

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗୁରୁବାର ରାତିରେ ଗୋମାଂସ ଚାଲାଣ ହେଉଥିବା ବେଳେ କେତେକ ଗୋସେବକ ମାନେ ଏହା ଜାଣିପାରି ବିରୋଧ କରିଥିଲେ। ଗୋମାଂସ ଚାଲାଣ ଗାଡ଼ିଟିକୁ ଅଟକାଇବା ପାଇଁ ସେମାନେ ବାଇକ ଯୋଗେ ଗୋଡ଼ାଇଥିଲେ। ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇ ଗୋମାଂସ ବୋଝେଇ ପିକଅପ୍ ଭ୍ୟାନଟିକୁ ବୁହାଳ ଗ୍ରାମ ପାଖରେ ଥିବା ଏକ ବିଲ ଭିତରକୁ ପୁରାଇ ଦେଇଥିଲା। ଗୋଡ଼ାଇଥିବା ଗୋସେବକମାନେ ଗାଡ଼ି ଭିତରୁ ଡ୍ରାଇଭରକୁ ଧରି ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ନିଶ୍ଚିନ୍ତକୋଇଲି ପୁଲିସ ପହଞ୍ଚି ଗୋମାଂସ ବୋଝେଇ ଗାଡ଼ିକୁ ଜବତ କରି ସେଥିରେ ଥିବା ଗୋମାଂସକୁ ଗାତ ଖୋଳି ନଦୀପଠାରେ ପୋତିଦେଇଥିଲା। ପରେ ଆହତ ଡ୍ରାଇଭରକୁ ଚିକିତ୍ସା ନିମନ୍ତେ ମେଡ଼ିକାଲକୁ ପଠାଯାଇଥିଲା। ଆଇଆଇସି ଯୁଗଳ କିଶୋର ଦାସଙ୍କ କହିବା ଅନୁସାରେ କିଶୋରନଗର ଅଞ୍ଚଳରୁ ଏକ ଗୋମାଂସ ବୋଝେଇ ଗାଡ଼ି ଦୁଲୁପୁର ଗ୍ରାମର ଡ୍ରାଇଭର ରାକେଶ ସେଠୀ ନିଶ୍ଚିନ୍ତକୋଇଲି ଆଡ଼କୁ ନେଇ ଆସୁଥିଲେ। ଅଚ୍ୟୁତାନନ୍ଦ ରାସ୍ତାର ବୁହାଳ ଠାରେ କେତେକ ଯୁବକ ଗାଡ଼ିକୁ




- ଆଇଆଇସିଙ୍କ ନାମରେ ପାଲଟା ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଅଟକାଇ ଡ୍ରାଇଭରକୁ ନିସ୍ତୁକ ପିଟିଥିଲେ। ଫଳରେ ଡ୍ରାଇଭର ମୁଣ୍ଡରେ ଶକ୍ତ ଆଘାତ ଲାଗି ଥିବାବେଳେ ତାଙ୍କର ଦୁଇଟି ହାତ ଭାଙ୍ଗିଯାଇଛି। ଘଟଣାସ୍ଥଳରୁ ଡ୍ରାଇଭରକୁ ଉଦ୍ଧାର କରି ଗୋମାଂସ ଗାଡ଼ିକୁ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ପୁଲିସ ପକ୍ଷରୁ ଡ୍ରାଇଭର ନାମରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଅପରପକ୍ଷରେ ମାଡ଼ଖାଇ ଗୁରୁତର ହୋଇଥିବା ଡ୍ରାଇଭର ଜଣକ ତାଙ୍କୁ ମାଡ଼ ହୋଇଥିବା ସଂକ୍ରାନ୍ତରେ ଏକ ଏତଲା ମଧ୍ୟ ଦେଇଛନ୍ତି। ଏହି ଏତଲାକୁ ଭିତ୍ତି କରି ପୁଲିସ ୧୦ଜଣ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଯୁବକ ମାନଙ୍କ ମଧ୍ୟରେ ଅମରପ୍ରସାଦ ଶରଣ(୨୩), ଜଗନ୍ନାଥ ଲେଙ୍କା(୩୪), କମଳାକାନ୍ତ ପଣ୍ଡା(୨୩), କେଦାର ବେହେରା(୪୦), ଦୀପକ ମହାନ୍ତି(୩୯), ନରେନ୍ଦ୍ର ସାହୁ(୪୫), କମଳାକାନ୍ତ ବେହେରା(୩୫), ଅଭିଷେକ ପଣ୍ଡା(୩୦), ମୃତ୍ୟୁଞ୍ଜୟ ଖୁଣ୍ଟିଆ(୨୮), ବିଶାଳ ମହାପାତ୍ର(୨୩) ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ୧୦ଜଣ ଯୁବକଙ୍କୁ କୋର୍ଟ ଚାଲାଣ ପରେ ନିଶ୍ଚିନ୍ତକୋଇଲି ଆଇଆଇସିଙ୍କ ବିରୋଧରେ କେତେକ ଗୋସେବକ ମାନେ ସାଲେପୁର ଉପଖଣ୍ଡ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆଇଆଇସି ଜଣକ ଗୋମାଂସ ଗାଡ଼ି ଖସାଇଦେବା ପାଇଁ ଏକ ଚାଲ କରି ବିନା ଦୋଷରେ ୧୦ଜଣ ଗୋସେବକ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଗୋସେବିକା ତଥା କଟରପଡ଼ା ପଞ୍ଚାୟତର ସମିତିସଭ୍ୟା ସ୍ୱାଗତିକା ନାୟକ ସାଲେପୁର ଏସଡିପିଓଙ୍କ ନିକଟରେ ଏତଲା ଦାୟର କରିଛନ୍ତି। ଗୋସେବକଙ୍କୁ ଉପଯୁକ୍ତ ସୁରକ୍ଷା ଦେବା, ଗୋ-ହତ୍ୟାକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବା ଏବଂ ଗୋମାଂସ ରପ୍ତାନୀ ଓ ଗୋଚାଲାଣ ପାଇଁ ପ୍ରୋତ୍ସାହନ ଦେଉଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବହୁ ଗୋସେବକ ମାନେ ଦାବି କରିଛନ୍ତି।

## ଓଟିଏମ୍ କଲୋନୀରେ ପ୍ରାଶାସନିକ ସର୍ଭେ ଆରମ୍ଭ



**ଚୌଦ୍ୱାର,୧।୩(ସମିସ):** ୱେଲସ୍ପନ୍ ଶିଳ୍ପଗୋଷ୍ଠୀ ଦ୍ୱାରା ଓଟିଏମ୍ ଭିତ୍ତିଭୂମି ଉପରେ ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି ସ୍ଥାନରୁ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କ ଥଇଥାନର ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ-ଚୌଦ୍ୱାର ତହସିଲର ୧୨ ଜଣ ରାଜସ୍ୱ ନିରୀକ୍ଷକ ୪ଟି ଟିମ୍‌ରେ ଭାଗ ହୋଇ ପୌରପାଳିକାର ୭, ୮, ୧୧ ଓ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଓଟିଏମ୍ କଲୋନୀରେ ଘରକୁ ଘର ବୁଲି ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ସର୍ଭେ କାର୍ଯ୍ୟ ଚଳିତ ମାସ ୩ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଉପଜିଲ୍ଲାପାଳ ସର୍ଭେ ଟିମ୍‌କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ, ଓଟିଏମ୍ ସ୍ଥାନରେ ନୂତନ କାରାଖାନା ପ୍ରତିଷ୍ଠା ପାଇଁ ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନେବାକୁ କଟକ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଓଟିଏମ୍ କଲେନୀ ଓ ବସ୍ତି ବାସିନ୍ଦା ଥଇଥାନ ସଂଗଠନର ପ୍ରତିନିଧିମାନେ ମଙ୍ଗଳବାର ଦିନ କଟକ ଜିଲ୍ଲାପାଳଙ୍କୁ ଭେଟି ବିସ୍ଥାପିତ ହେବାକୁ ଥିବା ୨ହଜାର ପରିବାରର ଥଇଥାନର ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ବିସ୍ଥାପିତ ହେବାକୁ ଥିବା ୭୦୦ ପରିବାରର ତାଲିକା ଜିଲ୍ଲା ପ୍ରଶାସନ ପାଖରେ ଥିବା ପ୍ରକାଶ କରି ଆଉ ଥରେ ପ୍ରଶାସନିକସ୍ତରରେ ଏକ ସର୍ଭେ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରତିଶ୍ରୁତି ଦେଇଥିଲେ।

### ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରୁ ରାଜକିଶୋର ରାମଙ୍କ ଫଟୋ ଗାଏବ

## ପ୍ରତିବାଦ ଜଣାଇଲା ସ୍ୱାଭିମାନ ମଞ୍ଚ

**ଟାଙ୍ଗୀ,୧।୩(ସମିସ):** ପ୍ରବାଦ ପୁରୁଷ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହଯୋଗୀ ତଥା ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ପ୍ରାକ୍ତନ ବିଧାୟକ ଓ ଶିକ୍ଷାବିତ୍ ସ୍ୱର୍ଗତଃ ରାଜକିଶୋର ରାମଙ୍କ ଫଟୋଚିତ୍ର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରୁ ଗାଏବ ହେବା ଘଟଣା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଏହାର ପ୍ରତିବାଦରେ ତଥା ପୁନଃସ୍ଥାପନ ଦାବିରେ ଟାଙ୍ଗୀ-ଚୌଦ୍ୱାର ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ବିଡ଼ିଓ ହେମନ୍ତ କୁମାର ମହନ୍ତଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ତେବେ ସମ୍ମିଳନୀ କକ୍ଷ ପୁନଃନିର୍ମାଣ କାର୍ଯ୍ୟଯୋଗୁଁ ଫଟୋ ଖୋଲାଯାଇଛି ଓ ଆଗାମୀ ଦିନରେ ପୁନଃସ୍ଥାପିତ କରାଯିବ ବୋଲି ଅତିରିକ୍ତ ବିଡ଼ିଓ ଶାଶ୍ୱତ ଜେନା ସୂଚନା ଦେଇଛନ୍ତି। ଏହି ସମୟରେ ଆକାଶ ପାତ୍ର, ପ୍ରାକ୍ତନ ସରପଞ୍ଚ ପ୍ରବୀର ଦାଶ, ବିଷ୍ଣୁ ଚରଣ ଦାସ, ନିହାର ରଞ୍ଜନ ମଲ୍ଲିକ, ଅରକ୍ଷିତ ମଲ୍ଲିକ, ଦେବାଶିଷ ମଲ୍ଲିକ, ଅଶୋକ ବାଇ, କୈଳାସ ସାହୁ ଓ ଦୁର୍ଗାମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କଳାକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

**ନିଆଳି,୧।୩(ସମିସ):** ଲୋକକଳା କଳାକାରଙ୍କ ପକ୍ଷରୁ ଗୁରୁବାର ନିଆଳି ବ୍ଲକ୍ ଅନ୍ତର୍ଗତ ମାଧବ ସ୍ଥିତ ସଦାବାବାଜି ତୋଟା ପରିସରରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଆଳି ନିର୍ବାଚନ ମଣ୍ଡଳୀର ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ଆୟୋଜନରେ ଅନୁଷ୍ଠିତ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀ କଳାକାରଙ୍କର ଭତ୍ତା ବୃଦ୍ଧି କରିଥିବାରୁ ପୁଣିଥରେ ଆସନ୍ତା ନିର୍ବାଚନରେ କଳାକାରମାନେ ସରକାରଙ୍କୁ ସମର୍ଥନ କରିବା ପାଇଁ କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଜ୍ଞାନପ୍ରିୟ କାନୁନ୍‌ଗୋଙ୍କ ସମେତ ସରପଞ୍ଚ ତ୍ରିନାଥ ମହାନ୍ତି, ବିଜୟରାମ ପଣ୍ଡା, ସୁରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକକଳା କଳାକାରଙ୍କୁ ସାମାଜିକ ସୁରକ୍ଷାରେ ସାମିଲ କରିବା, କଳାକାର ସହାୟତା ରାଶି ବୃଦ୍ଧି କରିବା ଓ ଅଧିକ ୩୦ହଜାର କଳାକାରଙ୍କୁ କଳାକାରଭତ୍ତାପ୍ରଦାନକରିଥିବାରୁଉପସ୍ଥିତକଳାକାରମାନେମୁଖ୍ୟମନ୍ତ୍ରୀନବୀନପଟ୍ଟନାୟକ ଓ ଆମ ଓଡ଼ିଶା, ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ।




## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଫୁଲନଖରା,୧।୩(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ସ୍ଥିତ ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୮୨ମସିହା ମେଟ୍ରିକ୍ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମା ରାଉତାଣୀ କନ୍‌ଭେନ୍‌ସନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୨ବର୍ଷ ପରେ ସମସ୍ତେ ଏକତ୍ରିତ ହୋଇ ପୁରୁଣା ଦିନର ସ୍ମୃତିକୁ ସାଉଁଟି ଆନନ୍ଦରେ ଭାବବିହ୍ୱଳ ହୋଇପଡିଥିଲେ। ପ୍ରତିବର୍ଷ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆୟୋଜିତ କରିବା ପାଇଁ ସମସ୍ତେ ପ୍ରସ୍ତାବ ଆଗତ କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ, ରଣଜିତ ପଟ୍ଟନାୟକ, ଅଶୋକ ବରାଳ, ଶିଶିରକାନ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରୁପମା ପଟ୍ଟନାୟକ, ଗୀତାଞ୍ଜଳି ମହାନ୍ତି, ଅଞ୍ଜଳି ବେହେରା, ଗୀତାରାଣୀ ମଲ୍ଲିକ, ରୁକ୍ମଣୀ ଜେନା, ଭାଗ୍ୟଧର ଦଳାଇ, ସୁକାନ୍ତ ଚନ୍ଦ୍ର ନାୟକ, ଶରତ ବେହେରା, କାନନ ବିହାରୀ ନାୟକ, ଲକ୍ଷ୍ମୀଧର ସ୍ୱାଇଁ, ଅମୂଲ୍ୟ ବାରିକ, ରବି ନାରାୟଣ ମିଶ୍ର, ଜଗବନ୍ଧୁ ଶତପଥି, ନୀରୋଜ ସାମନ୍ତରାୟ ପ୍ରମୁଖ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ପ୍ରଗତି ମିଲ୍କର ନୂତନ କାରଖାନା ଉଦ୍‌ଘାଟିତ

**ଟାଙ୍ଗୀ,୧।୩(ସମିସ)**



### ଆଭାସୀରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ୬୫ କୋଟିର ପ୍ରକଳ୍ପରେ ୩ ଶହ ନିଯୁକ୍ତି

ଦୁଗ୍ଧ ତଥା ଦୁଗ୍ଧଜାତ ସାମଗ୍ରୀ ବ୍ୟବସାୟରେ ଓଡ଼ିଶାର ଅଗ୍ରଣୀସ୍ଥାନ ଅଧିକାର କରିଥିବା 'ପ୍ରଗତି ମିଲ୍କସ' ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଚନ୍ଦନପୁର ମୌଜାରେ ସ୍ଥାପିତ ଏକ କାରଖାନା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଭିଡିଓ କନଫରେସିଙ୍ଗ ବା ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିବାବେଳେ ସ୍ଥାନୀୟ ନିଯୁକ୍ତି ବିଶେଷକରି ମହିଳାଙ୍କ ନିଯୁକ୍ତି କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସୂଚନା ମିଳିଛି। ଏଠାରେ ଉଚ୍ଚମାନର ବେକେରୀ ଓ ଆଇସକ୍ରିମ୍ ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯିବ, ପ୍ରାୟ ୬୫ କୋଟି ଟଙ୍କାର ଏହି ପ୍ରକଳ୍ପରେ ୩ ଶହ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦଘାଟନ ଉତ୍ସବରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରାଉତ ପ୍ରତିକ୍ରିୟା ରଖିଛନ୍ତି। ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶିବଶଙ୍କର ଟପୋ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ସମିତିସଭ୍ୟାଙ୍କ ପ୍ରତିନିଧି ତଥା ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ପଞ୍ଚାୟତ ବିଜେଡି ସଭାପତି ଅରୁଣ ପ୍ରକାଶ ରାଉତରାୟ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଇଡ଼କୋ ଲ୍ୟାଣ୍ଡ ଅଫିସର ଅରୁନ୍ଧତି ପଟ୍ଟନାୟକ ଓ ଡ଼ିଆଇସି ଜିଏମ୍ ତରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ସମ୍ପର୍କିତ ତଥ୍ୟ ରଖିଥିଲେ। କମ୍ପାନୀ ପକ୍ଷରୁ କାର୍ତ୍ତିକ ସାହୁ, ରଞ୍ଜନ ମହାରଣା ଓ ଅନୁପ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୧।୩(ସମିସ):** ରାମକୃଷ୍ଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ଅଧୀନରେ ଥିବା ଦହପଡ଼ା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ରାଉତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷ୍ମୀନାରାୟଣ ରାଉତ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଭାରତୀ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ନର୍ମଦା ରାଉତ, ସିଆରସିସି ସୁଶାନ୍ତ ପଣ୍ଡା, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ସେକ୍ ଅବଦୁଲ ରହେମାନ୍, ସେକ୍ ମସିଉଲ୍ଲା ତାରିଖ୍, ମଞ୍ଜୁର ଅହେମ୍ମଦ, ହେଲାଲ ଉଦ୍ଦିନ୍ ଖାଁ, ରୋଜି ବେଗମ୍, ଫରିଦ ଉଦ୍ଦିନ୍ ଖାଁ, ରିଜୁୟାନ ରହେମାନ୍ ଖାଁ, ସ୍ୱପ୍ନପ୍ରଭା ନାୟକ, ସୟଦ୍ ମୁସ୍ତାକ ଅଲ୍ଲୀଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ୩୪ ବର୍ଷ କାଳର ଶିକ୍ଷକତା ଜୀବନର ସଫଳ ବାର୍ତ୍ତା ପ୍ରକାଶ କରିଥିଲେ। ପରିଚାଳନା କମିଟିର ସଭାପତି ସୟଦ୍ ନୋମାନ୍ ଗନି ଧନ୍ୟବାଦ ଅର୍ପଣ କରିଥିଲେ।



## ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ



**ମାହାଙ୍ଗା,୧।୩(ସମିସ):** ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ଡିହିଗୋପ ଠାରେ ନୂତନ ଗ୍ରାମ ଦେବତୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଲକୁଦ ମଠଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହେବା ପରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହୋମଯଜ୍ଞ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶ୍ରୀନିବାସ ଭୂୟାଁ ଓ ଗୋପିନାଥ ଧଳ ଥିବା ବେଳେ ଭାଗୀରଥି ଭୁୟାଁ, ପ୍ରଫୁଲ୍ଲ ଦାସ, ଉମେଶ ଚନ୍ଦ୍ର ମହାନ୍ତି, ପ୍ରତାପ ଭୂୟାଁ, ପ୍ରଫୁଲ୍ଲ ସ୍ୱାଇଁ, ପ୍ରଦୀପ୍ତ କିଶୋର ଧଳ, ପ୍ରଫୁଲ୍ଲ ଭୂୟାଁଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ସହଯୋଗ କରିଥିଲେ।

